ସମାଜ –୩, ୧୪ ଡିସେମ୍ବର, ୨୦୦୪

# ଇଣ୍ଟରନେଟ ମୂଲ୍ୟରେ ବ୍ୟାପକ ହ୍ରାସ
# ୨୫୦ ଟଙ୍କାରେ ବ୍ରଡ଼ବ୍ୟାଣ୍ଡ ସୁବିଧା

ଭୁବନେଶ୍ୱର, ତା ୧୪।୧୨ (ସ.ପ୍ର.)– ସମାଜର ସବୁ ଶ୍ରେଣୀ ଗ୍ରାହକଙ୍କ ନିକଟରେ ଇଣ୍ଟରନେଟ ସେବା ପହଞ୍ଚାଇବା ଲକ୍ଷ୍ୟରେ ଓରଟେଲ କମ୍ୟୁନିକେସନ ପକ୍ଷରୁ ଇଣ୍ଟରନେଟ ମୂଲ୍ୟରେ ବ୍ୟାପକ ହ୍ରାସ ଘୋଷଣା କରାଯାଇଛି । ଫଳରେ ବିଗତ ଦିନମାନଙ୍କରେ ଇଣ୍ଟରନେଟର ବ୍ୟବହାର ବ୍ୟୟବହୁଳ ହେଉଥିଲେ ମଧ୍ୟ ଆଜି ଏହାର ସ୍ଥିତି ବଦଳିବାରେ ଲାଗିଛି ଏବଂ ଏହା ଏବେ ଅତି ସୁଲଭ ମୂଲ୍ୟରେ ସରକାରୀ, ବେସରକାରୀ କାର୍ଯ୍ୟାଳୟରୁ ଆରମ୍ଭ କରି ସ୍କୁଲ, କଲେଜ ଛାତ୍ରଛାତ୍ରୀମାନଙ୍କ ପର୍ଯ୍ୟନ୍ତ ବ୍ୟବହାର ଉପଯୋଗୀ ହୋଇପାରିଛି । ସାଇବର କେଫ୍, ବ୍ୟବସାୟ ପ୍ରତିଷ୍ଠାନ, ବିଭିନ୍ନ କାର୍ଯ୍ୟାଳୟ, ଘରୋଇ ବ୍ୟବହାରକାରୀ ତଥା ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିପାରିଛି ଏବଂ ପୂର୍ବେ ଏହି ଇଣ୍ଟରନେଟ ବ୍ୟବହାର ବିଳାସପୂର୍ଣ୍ଣ ଥିଲାବେଳେ ଏବେ ଏହା ଅତ୍ୟାବଶ୍ୟକ ହୋଇପାରିଛି । ଫଳରେ ଗ୍ରାହକମାନେ ସୁବିଧାରେ ଛାତ୍ରଛାତ୍ରୀଙ୍କର ପରୀକ୍ଷା ଫଳଠାରୁ ଆରମ୍ଭ କରି ନିଜର ବ୍ୟାଙ୍କ, ଷ୍ଟକ ମାର୍କେଟ ହିସାବକିତାବ, ରେଳ ଓ ବିମାନ ସେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ତଥ୍ୟ ପାଇପାରୁଛନ୍ତି ।

ସଂପ୍ରତି କଟକ, ଭୁବନେଶ୍ୱର

## ଓରଟେଲର ସ୍ୱତନ୍ତ୍ର ରିହାତି

ପ୍ରାଥମିକ ପର୍ଯ୍ୟାୟରେ କେବୁଲ ମାଧ୍ୟମରେ ଇଣ୍ଟରନେଟ ମୋଡ଼େମର ମୂଲ୍ୟ ଅତ୍ୟନ୍ତ ବ୍ୟୟବହୁଳ ଥିଲା ଓ ପରବର୍ତ୍ତୀ ସମୟରେ ମୋଡ଼େମର ମୂଲ୍ୟ ମାତ୍ରାଧିକ ହ୍ରାସ ହେବା ଫଳରେ ମଧ୍ୟବିତ୍ତ ଶ୍ରେଣୀମାନଙ୍କ ପାଇଁ ଇଣ୍ଟରନେଟ ବ୍ୟବହାର ସହଜସାଧ୍ୟ ହୋଇପାରିଛି । ସୂଚନାଯୋଗ୍ୟ ଯେ ରାଜ୍ୟର ଏକମାତ୍ର ଘରୋଇ ଇଣ୍ଟରନେଟ ସେବା ପ୍ରଦାନକାରୀ ସଂସ୍ଥା ଓରଟେଲ ନେଟ୍ ସର୍ବନିମ୍ନ ମାସିକ ୫୦୦ ଟଙ୍କାରେ ଉପଲବ୍ଧ ହେଉଥିଲେ ମଧ୍ୟ ସ୍ୱଳ୍ପ ସମୟ ବ୍ୟବହାରକାରୀଙ୍କ ପାଇଁ ଏହା ସୁବିଧାଜନକ ହେଉନଥିଲା । ନୂତନ ରିହାତି ଦର ସବୁ ଶ୍ରେଣୀର ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏକ ପଦକ୍ଷେପ । ଏ ସମ୍ପର୍କରେ ସୂଚନା ଦେଇ ଓରଟେଲ କମ୍ୟୁନିକେସନର ଉପସଭାପତି ବିଭୁପ୍ରସାଦ ରଥ କହିଛନ୍ତି ଯେ ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ୧୩% ଇଣ୍ଟରନେଟ ଗ୍ରାହକ ସଂଖ୍ୟା ବୃଦ୍ଧି ଘଟିଛି ଯେଉଁଥିରେ କି ବହୁଳଭାବେ ବ୍ରଡ଼ବ୍ୟାଣ୍ଡ ଇଣ୍ଟରନେଟ ସେବା ସାଧାରଣ ଗ୍ରାହକଙ୍କ ନିକଟରେ ଖୁବ୍ କମ୍ ମୂଲ୍ୟରେ ଉପଲବ୍ଧ କରିବା ଉଦ୍ଦେଶ୍ୟ ନେଇ ଓରଟେଲ ନେଟ୍ ଏବେ ଦୁଇଟି ସୁଲଭ ଯୋଜନା ଆରମ୍ଭ କରିଛି । ପ୍ରଥମଟି ମାତ୍ର ୨୫୦ ଟଙ୍କା ୨୫ ଘଣ୍ଟା ପର୍ଯ୍ୟନ୍ତ ଏକମାସ ପାଇଁ ଇଣ୍ଟରନେଟ ସେବା ଥିବାବେଳେ ଅନ୍ୟଟି ମାତ୍ର ୫୦୦ ଟଙ୍କାରେ ୫୦ ଘଣ୍ଟା ପର୍ଯ୍ୟନ୍ତ ତିନିମାସ ପାଇଁ ଇଣ୍ଟରନେଟ ବ୍ୟବହାରର ସୁଯୋଗ ରଖାଯାଇଛି ଏବଂ ଏହାର ସମୟ ଶେଷ ହେବାର ୧୫ ଦିନ ମଧ୍ୟରେ ଗ୍ରାହକ ପୁନଃ ସଂଯୋଗର ସୁବିଧା ମଧ୍ୟ ନେଇପାରିବେ ।

ବର୍ତ୍ତମାନ ଏହା ଅନ୍ୟ ଯେକୌଣସି ନେଟ୍ ସେବା ଉପଲବ୍ଧକାରୀଙ୍କ ମୂଲ୍ୟ ତୁଳନାରେ ଯଥେଷ୍ଟ କମ୍ ଏବଂ ଏହି ଯୋଜନା ମାଧ୍ୟମରେ ସ୍ୱଳ୍ପ ବ୍ୟବହାରକାରୀ ଗ୍ରାହକମାନେ ନିଜର ଅତ୍ୟାବଶ୍ୟକ ତଥା ବିଭିନ୍ନ ସୂଚନା ଜାଣିବା ନିମନ୍ତେ ସୁବିଧା ପାଇପାରିବେ ବୋଲି ଶ୍ରୀ ରଥ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।